Chapter- 8

# ଜାତୀୟ ଜୀବନ

**QUESTION BANK**

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ**

(କ) ପ୍ରତ୍ୟେକ ଜାତିପାଇଁ ଜାତୀୟ ଜୀବନର ଆବଶ୍ୟକତା ରହିଛି କାହିଁକି ?

(ଖ) କେଉଁ ଭାବଗୁଡ଼ିକ ପ୍ରତିକ୍ଷଣ ମଣିଷକୁ ତଳକୁ ଓଟାରୁଛି ?

(ଗ) କେତେବେଳେ ଜାତି ଜାତି ମଧ୍ୟରେ ସଦ୍ଭାବ ସୃଷ୍ଟି ହୋଇଥାଏ ?

(ଘ) ଜଳର ଜାତୀୟ ଗୁଣ କ'ଣ ?

(ଙ) ଆମେ ସବୁବେଳେ କାହାର ଟେକ ରଖି କାର୍ଯ୍ୟ କରିବା ଆବଶ୍ୟକ ?

**୨. ସପ୍ରସଙ୍ଗ ସରଳାର୍ଥ ଲେଖ ।**

(କ) ଜାତିର ମୂଲ୍ୟ ବଢ଼ିଲେ ଜାତୀୟ ଲୋକେ ତହିଁର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ ।

(ଖ) ସବୁବ୍ୟକ୍ତି ଓ ସବୁଜାତିଙ୍କ ଠାରେ ଅନୁକରଣ କରିବା ଯୋଗ୍ୟ ଅନେକ ଗୁଡ଼ିଏ ଗୁଣ ଅଛି ।

**୩. ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ।**

(କ) 'ଜାତୀୟ ଜୀବନ' ପ୍ରବନ୍ଧଟି କେଉଁ ଅଧିବେଶନରେ ପ୍ରଦତ୍ତ ଅଭିଭାଷଣର ସଂକ୍ଷିପ୍ତ ରୂପ ଅଟେ ?

(i)ଉତ୍କଳ ସଭା (ii)ଉତ୍କଳ ସମ୍ମିଳନୀ (iii)ଉତ୍କଳ ସମିତି (iv)ଉତ୍କଳ ହିତୈଷିଣୀ

(ଖ) କ୍ଷଣସ୍ଥାୟୀ ଜୀବନ କାଲି କେଉଁଠାରେ ଶେଷ ହେବ ?

(i)ଗ୍ରାମରେ (ii)ସହରରେ (iii)ନଦୀରେ (iv)ଶ୍ମଶାନରେ

(ଗ) ଶରୀରର ଅଭ୍ୟନ୍ତରରେ କ'ଣ ରହିଛି ?

(i)ପରମାତ୍ମା (ii)ଆତ୍ମା (iii)ପ୍ରାଣ (iv)ହୃଦୟ

(ଘ) ପ୍ରଥମେ ଆକାଶରୁ କ୍ଷୁଦ୍ର ଜଳବିନ୍ଦୁ କେଉଁଠି ପଡେ ?

(i)ମାଟିରେ (ii)ପୃଥିବୀରେ (iii)ଆକାଶରେ (iv)ସାଗରରେ

୪. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଚିରସ୍ଥାୟୀ, ଅସଦ୍ଭାବ, ଶିକ୍ଷିତ, ନିମ୍ନଗତି, ମିଥ୍ୟାବାଦୀ, ନିନ୍ଦା

୫. 'ହୃଷ୍ଟପୁଷ୍ଟ' ପରି ଆଉ ପାଂଚୋଟି ଯୁଗ୍ମଶବ୍ଦ ଲେଖ ।

୬. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

ପାର୍ଥିବ, ଅପତ୍ୟ, ପଦସ୍ଥ, ମୂଳମନ୍ତ୍ର, ଖୋସାମତ

୭. ବିଶେଷ୍ୟ ଓ ବିଶେଷଣ ଶବ୍ଦଗୁଡ଼ିକୁ ବାଛ ।

ଅଭ୍ୟନ୍ତର, ସଭାବ, ସ୍ୱଗୀୟ, ବ୍ୟକ୍ତିଗତ, ଜାତି, ପଦସ୍ଥ, ଭ୍ରମ, ମହାବଳ

୮. ବ୍ୟକ୍ତିଗତ ସଭାବ ତଥା ଜାତିଗତ ସଭାବ ମଧ୍ୟରେ ପାର୍ଥକ୍ୟ କ'ଣ ?

୯. ଜଳ ନିଜ ଜାତୀୟ ଜୀବନର ଟେକ କିପରି ରଖିଅଛି ?

୧୦. ଆମ୍ଭମାନଙ୍କ ମଧ୍ୟରେ ଜାତୀୟ ଜୀବନର ଚିହ୍ନ ଅଛି ବୋଲି କିପରି ଜଣାଯାଏ ?

୧୧. କେଉଁ ଭାବାପନ୍ନ ଲୋକଙ୍କୁ ନେଇ ଜାପାନ ଜାତି ଗଠିତ ?

୧୨. ଜାତୀୟ ଜୀବନ ଗଠିତ ହୋଇନାହିଁ ବୋଲି କିପରି ଜାଣିବାକୁ ହେବ ?

୧୩. କେତେବେଳେ ନୀରବ ରହିବା ଏକାନ୍ତ କର୍ତବ୍ୟ ହେବ ?

୧୪. "ମୋର ପ୍ରାଣ ଯାଉ, ଲକ୍ଷେ ଜାପାନୀଙ୍କର ପ୍ରାଣ ଯାଉ, କିନ୍ତୁ ଜାପାନୀ ଜାତିର ମାନ ବୃଦ୍ଧି ହେଉ" – ଏହା କେଉଁ ଜାତିର ଉନ୍ନତିର ମୂଳ ମନ୍ତ୍ର ?

୧୫. ଜାପାନୀ ଜାତି ଟଙ୍କା କରଜ ନେବାକୁ ବିଜ୍ଞାପନ ଦେବା ମାତ୍ରେ କେଉଁମାନେ ତାଙ୍କୁ ଟଙ୍କା କରଜ ଦେବାକୁ ପ୍ରସ୍ତୁତ ହେଉଛନ୍ତି ?

୧୬. ଜଗତଚକ୍ଷୁରେ କାହାର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଅଛି ?

୧୭. ଯେ ପର୍ଯ୍ୟନ୍ତ ଜାତି ନିମନ୍ତେ ବ୍ୟକ୍ତିଗତ ଜୀବନକୁ ବଳି ଦେବାକୁ ଶିଖି ନାହାନ୍ତି ସେ ପର୍ଯ୍ୟନ୍ତ କ'ଣ ଗଠିତ ହୋଇନାହିଁ ବୋଲି ଜାଣିବାକୁ ହେବ ?

୧୮. କେଉଁ କଥା କ୍ଷଣସ୍ଥାୟୀ ବୋଲି କୁହାଯାଇଛି ?

ODM EDUCATIONAL GROUP Changing your Tomorrow

## (ଖ) ଗୋଟିଏ ପଦରେ ଉତ୍ତର ଲେଖ ।

୧ । "ମୋର ପ୍ରାଣ ଯାଉ, ଲକ୍ଷେ ଜାପାନୀଙ୍କର ପ୍ରାଣ ଯାଉ, କିନ୍ତୁ ଜାପାନୀ ଜାତିର ମାନ ବୃଦ୍ଧି ହେଉ" – ଏହା କେଉଁ ଜାତିର ଉନ୍ନତିର ମୂଳମନ୍ତ୍ର ?

୨ । ଜାପାନୀ ଜାତି ଟଙ୍କା କରଜ ନେବାକୁ ବିଜ୍ଞାପନ ଦେବା ମାତ୍ରେ କେଉଁମାନେ ତାଙ୍କୁ ଟଙ୍କା କରଜ ଦେବାକୁ ପ୍ରସ୍ତୁତ ହେଉଛନ୍ତି ?

୩ । ଜଗତଚକ୍ଷୁରେ କାହାର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଅଛି ?

୪ । ଯେ ପର୍ଯ୍ୟନ୍ତ ଜାତି ନିମନ୍ତେ ବ୍ୟକ୍ତିଗତ ଜୀବନକୁ ବଳି ଦେବାକୁ ଶିଖି ନାହାନ୍ତି ସେ ପର୍ଯ୍ୟନ୍ତ କ'ଣ ଗଠିତ ହୋଇନାହିଁ ବୋଲି ଜାଣିବାକୁ ହେବ ?

୫ । କେଉଁ କଥା କ୍ଷଣସ୍ଥାୟୀ ବୋଲି କୁହାଯାଇଛି ?

୬ । ଅନ୍ୟ ଜାତିଙ୍କର ଦୋଷଗୁଡ଼ିକ କେଉଁ ଆଖିରେ ଦେଖିବାକୁ ପ୍ରାବନ୍ଧିକ କହିଛନ୍ତି ?

୭ । ଡାହାଳ କୁକୁରଟି କଥା କହିପାରୁଥିଲେ କ'ଣ କହନ୍ତା ?

୮ । ଦୋଷଗୁଣ ଦେଖିବା ସମ୍ବନ୍ଧରେ ଲେଖକଙ୍କ ବକ୍ତବ୍ୟ କ'ଣ ?

୯ । ଉତ୍କଳ ଭାରତମାତାଙ୍କର କ'ଣ ନୁହନ୍ତି ବୋଲି କୁହାଯାଇଛି ?

୧୦ । ଉତ୍କଳ ଜନନୀଙ୍କ ରୂପ କାହାର ଏକ ଅବତାର ?

୧୧ । ଉତ୍କଳ ଜନନୀ ଆଜି କେଉଁ ମୂର୍ତ୍ତିରେ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇଛନ୍ତି ?

୧୨ । ଶିଶୁଙ୍କ ଦୁଷ୍ଟ ଚରିତ୍ରକୁ ଦମନ କରିବାକୁ ଜନନୀ କ'ଣ କରିଥାଏ ?

୧୩ । ଆଧୁନିକ ଓଡ଼ିଶାର ନବନିର୍ମାତା କିଏ ?

୧୪ । ପ୍ରାବନ୍ଧିକ କାହାର ରୂପକୁ ଭାରତମାତାଙ୍କର ଏକ ଅବତାର ବୋଲି କହିଛନ୍ତି ?

୧୫ । ଆମ୍ଭେ ସବୁବେଳେ କାହାର ଟେକ ରଖି କାର୍ଯ୍ୟ କରିବା ଉଚିତ ?

୧୬ । କେତେବେଳେ ଜାତି ଜାତି ମଧ୍ୟରେ ସଦ୍ଭାବ ସୃଷ୍ଟି ହୋଇଥାଏ ?

୧୭ । ସବୁ ବ୍ୟକ୍ତି ଓ ସବୁ ଜାତିଙ୍କଠାରେ କେଉଁ ଗୁଣ ରହିଛି ?

## (ଘ) ଠିକ୍ କିମ୍ବା ଭୁଲ୍ ଲେଖ ।

୧ । ଉତ୍କଳ ସମ୍ମିଳନୀ ୧୯୦୩ ମସିହାରେ ଗଠିତ ହୋଇଥିଲା ।

୨ । ବିଲୁଆଟି ଖିଙ୍କାରି ଦେବାମାତ୍ରକେ ଦେଶୀ କୁକୁର ଲାଙ୍ଗୁଡ଼ ଗୁଞ୍ଜି ପଳାଇ ଆସିବ ।

୩ । ମହାବଳ ବାଘକୁ ଦେଖି ବୁଲା କୁକୁର ନିର୍ଭୟରେ ତା' ଆଡ଼କୁ ଝପଟିଯିବ ।

୪ । ସୂର୍ଯ୍ୟ ନିର୍ବିକାର ଭାବରେ ସମସ୍ତଙ୍କଠାରେ କିରଣ ବିତରଣ କରୁଛନ୍ତି ।

## (ଗ) ଶୂନ୍ୟସ୍ଥାନ ପୂରଣ କର ।

୧ । ସାହସିକତା ପ୍ରଦର୍ଶନଦ୍ୱାରା ଡାହାଳ କୁକୁରର ______ ହେବ ।

୨ । କ୍ଷଣସ୍ଥାୟୀ ଜୀବନର ପରିସମାପ୍ତି ______ରେ ହେବ ।

୩ । ସୂର୍ଯ୍ୟ ନିର୍ବିକାର ଭାବରେ ସମସ୍ତଙ୍କଠାରେ ______ ବିତରଣ କରୁଛନ୍ତି ।

୪ । ସୂର୍ଯ୍ୟ ପୃଥିବୀ ପୃଷ୍ଠରୁ ବିଶୁଦ୍ଧ ଜଳତକ ଟାଣିନେଇ ପୁନର୍ବାର ପୃଥିବୀରେ ______ ସିଞ୍ଚନ କରୁଛନ୍ତି ।

୫ । ଭାରତ ଜନନୀଙ୍କଠାରୁ ______ ବିଚ୍ଛିନ୍ନ ନୁହଁନ୍ତି ।

୬ । ______ ଭାରତ ଜନନୀଙ୍କର ସପତ୍ନୀ ବା ଶତ୍ରୁ ନୁହଁନ୍ତି ।

୭ । ଭିନ୍ନ ଭିନ୍ନ ଶିଶୁଙ୍କୁ ବିଭିନ୍ନ ପ୍ରକାର ______ ଆବଶ୍ୟକ ।

୮ । ______ ମୂର୍ତ୍ତିରେ ଜନନୀ ଶିଶୁକୁ ସ୍ତନ୍ୟପାନ କରାନ୍ତି ।

୯ । "ମୁଁ ଜାଣେ ଯେ ମହାବଳ ବାଘକୁ ଆକ୍ରମଣ କରିବାକୁ ଯାଇ ମୁଁ ସେହି ବାଘ ହାତରେ ମରିବି ।" ଏହି ଉକ୍ତିରେ 'ମୁଁ' ଶବ୍ଦ ______ ଉଦ୍ଦେଶ୍ୟରେ ପ୍ରଯୁକ୍ତ ।

୧୦ ।କେତେଗୁଡ଼ିଏ ଜଳଧାରା ମିଶି ______ରେ ପରିଣତ ହୁଅନ୍ତି ।

୧୧ ।କେତେଗୁଡ଼ିଏ ନାଳ ମିଶି ______ରେ ପରିଣତ ହଅନ୍ତି ।

୧୨ ।ନଦୀଗୁଡ଼ିକ ତଳକୁ ବହିଯାଇ ଶେଷରେ ______ ରେ ମିଶନ୍ତି ।

୧୩ ।ଉତ୍କଳ ଗୌରବ ମଧୁସୂଦନ ______ ମସିହାରେ ଇହଲୀଳା ତ୍ୟାଗ କରିଥିଲେ ।

୧୪ ।ସବୁ ଅବସ୍ଥାରେ, ସବୁ କାଳରେ, ସବୁ ସ୍ଥାନରେ ଆମ୍ଭେମାନେ ______ର ଟେକ ରଖି କାର୍ଯ୍ୟ କରିବା ଉଚିତ ।

୧୫ ।କେହି ଜଣେ ଓଡ଼ିଆ ଜାତିକୁ ଗାଳିଦେଲେ ତୁମ୍ଭ ମନରେ ସୃଷ୍ଟି ହେଉଥିବା କ୍ରୋଧ ______ ଜୀବନର ଚିହ୍ନ ଅଟେ ।

୧୬ ।______ ର ମୂଲ୍ୟ ବଢ଼ିଲେ ଜାତିର ଲୋକେ ତହିଁର ସୁଫଳ ଭୋଗ କରିବେ ।

୫ । ସୂର୍ଯ୍ୟଙ୍କର କିରଣ ବିଶୁଦ୍ଧ ଜଳ ଟାଣିନିଏ ।

୬ । ସ୍ୱାଭିମାନର ସହିତ କିପରି ବଞ୍ଚିବାକୁ ହୁଏ, ତାହା ଓଡ଼ିଆମାନଙ୍କୁ ଗୋପବନ୍ଧୁ ଶିଖାଇ ଯାଇଛନ୍ତି ।

୭ । ଶିଶୁର ବିଭିନ୍ନ ଅବସ୍ଥାରେ ଭଉଣୀ ବିଭିନ୍ନ ରୂପ ଧାରଣ କରି ଦଣ୍ଡାୟମାନ ହୁଅନ୍ତି ।

୮ । କ୍ଷଣସ୍ଥାୟୀ ଜୀବନର ପରିସମାପ୍ତି ଶ୍ମଶାନରେ ହେବ ।

୯ । ସୂର୍ଯ୍ୟ ପୃଥିବୀ ପୃଷ୍ଠରୁ ବିଶୁଦ୍ଧ ଜଳତକ ଟାଣିନେଇ ପୁନର୍ବାର ପୃଥିବୀରେ ଜଳ ସିଞ୍ଚନ କରୁଛନ୍ତି ।

୧୦ ।ଉତ୍କଳ ଜନନୀ ଭାରତ ଜନନୀଙ୍କର ସପତ୍ନୀ ବା ଶତ୍ରୁ ନୁହଁନ୍ତି ।

୧୧ ।କେତେଗୁଡ଼ିଏ ନାଳ ମିଶି ନଦୀରେରେ ପରିଣତ ହଅନ୍ତି ।

୧୨ ।ନଦୀଗୁଡ଼ିକ ତଳକୁ ବହିଯାଇ ଶେଷରେ ନଦୀରେ ମିଶନ୍ତି ।

୧୩ ।ଉତ୍କଳ ଗୌରବ ମଧୁସୂଦନ ୧୯୩୪ ମସିହାରେ ଇହଲୀଳା ତ୍ୟାଗ କରିଥିଲେ ।

****